# ପୋସ୍କୋ ପାଇଁ ବିକଳ୍ପ ସ୍ଥାନ ଚୟନ, ସମାଧାନର ଏକମାତ୍ର ରାସ୍ତା

ବର୍ତ୍ତମାନ ପୋସ୍କୋ ପ୍ରକଳ୍ପକୁ କେନ୍ଦ୍ର କରି ଏରସମା ବ୍ଲକ୍‌ର ୩ଟି ପଞ୍ଚାୟତରେ ବ୍ୟାପକ ପୋଲିସ୍ ମୁତୟନ ସହିତ ଗ୍ରାମବାସୀଙ୍କ ଭିତରେ ପାରସ୍ପରିକ ଝଗଡା ଏଭଳି ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି କରିଛି, ଯାହାକି କେବଳ ଓଡିଶା ନୁହେଁ, ଦେଶବିଦେଶର ବହୁମହଲରେ ନିନ୍ଦନୀୟ ହୋଇପଡିଛି । ଯଦି ଏହି ପରିସ୍ଥିତି ଲାଗିରହେ, ତେବେ ଏହାର ଏକ ଅବଶ୍ୟମ୍ଭାବୀ ପରିଣତି ଏବେଠାରୁ ଜଳଜଳ ଦିଶୁଛି, ତାହାହେଲା, ଠିକ୍ ସେହି ସ୍ଥାନରେ ପୋସ୍କୋ ପ୍ରକଳ୍ପ ତ ପ୍ରତିଷ୍ଠା ହୋଇପାରିବନି, ଅନ୍ୟପକ୍ଷରେ ୫୨ ହଜାର କୋଟି ଟଙ୍କାର ବୈଦେଶିକ ପୁଞ୍ଜିରୁ କେବଳ ଓଡିଶା ନୁହେଁ, ଦେଶ ମଧ୍ୟ ବଞ୍ଚିତ ହୋଇଯାଇପାରେ । ସୁତରାଂ ଆମର ରାଜ୍ୟ ସରକାର ଯଦି ପ୍ରକୃତରେ ଚାହୁଁଥାନ୍ତି ଏହି ବହିରାଗତ ପୁଞ୍ଜି ଓଡିଶାରେ ବିନିଯୁକ୍ତ ହୋଇ ରାଜ୍ୟର ରାଜକୋଷକୁ ସମୃଦ୍ଧ କରିବା ସହ ରାଜ୍ୟର ଭିତ୍ତିଭୂମି ବିକାଶ ଏବଂ ରାଜ୍ୟବାସୀଙ୍କ ନିଯୁକ୍ତି ଓ ଆୟବୃଦ୍ଧିରେ ସହାୟକ ହେଉ, ତେବେ ଖୁବ୍ ଶୀଘ୍ର ତାଙ୍କୁ ଏକ କଠିନ ନିଷ୍ପତ୍ତି ନେବାକୁ ପଡିବ, ତାହା ହେଲା ପୋସ୍କୋ ପ୍ରକଳ୍ପ ପାଇଁ କମ୍ପାନୀ ଦ୍ୱାରା ଅଦ୍ୟାବଧି ଚିହ୍ନଟ ହୋଇଥିବା ଅଥଚ ଲୋକଦୃଷ୍ଟିରେ ବିବଦମାନ ହୋଇପଡିଥିବା ଅଞ୍ଚଳକୁ ଛାଡି ଆଉ ଏପରି ଏକ ବିକଳ୍ପ ସ୍ଥାନ ଚୟନ କରିବା, ଯାହାକି ଗୋଟିଏ ପଟରେ ପୋସ୍କୋ ପ୍ରସ୍ତାବିତ ଇସ୍ପାତ କାରଖାନା ଏବଂ ସାମୁଦ୍ରିକ ବନ୍ଦର ପ୍ରତିଷ୍ଠା ପାଇଁ ଉପଯୁକ୍ତ ହୋଇଥିବ, ଏବଂ ଅନ୍ୟପଟରେ ସାଧାରଣ ଲୋକଙ୍କ ତରଫରୁ କୌଣସି ବିରୋଧର ଅବକାଶ ନଥିବ । ଏପରି ଏକ ସ୍ଥାନ ଅଛି କି ? ହଁ, ପୁଣି ସେହି ପାରାଦ୍ୱୀପ ବନ୍ଦରର ଅନତି ଦୂରରେ ଏବଂ ଏକ ସମଶ୍ରେଣୀୟ ଇଲାକାରେ । ସେହି ବିକଳ୍ପ ସ୍ଥାନ ବିଷୟରେ ସବିଶେଷ ଚର୍ଚ୍ଚା କରିବା ପୂର୍ବରୁ ଏକଥା ଆମେ ଜାଣିବା ଉଚିତ୍ ଯେ, ଗୋଟିଏ ପ୍ରକଳ୍ପ ପାଇଁ ସ୍ଥାନ ପରିବର୍ତ୍ତନର ନିଷ୍ପତ୍ତି ଖୋଦ୍ ରାଜ୍ୟ ସରକାର ନେଇପାରିବେ ଏବଂ ସଂପୃକ୍ତ କମ୍ପାନୀଙ୍କୁ ଏହା ଗ୍ରହଣ କରିବାକୁ ପଡିବ । ଖୁବ୍ ନିକଟରେ ନନ୍ଦିଗ୍ରାମ ହିଂସାକାଣ୍ଡ ଘଟିଲା ପରେ ପଶ୍ଚମବଙ୍ଗଳା ମୁଖ୍ୟମନ୍ତ୍ରୀ ସର୍ବଦଳୀୟ ବୈଠକ ଡକାଇ ଇଣ୍ଡୋନେସିଆର ସଲିମ୍ କମ୍ପାନୀ ପ୍ରସ୍ତାବିତ ରାସାୟନିକ ଶିଳ୍ପାଞ୍ଚଳ ପାଇଁ ନନ୍ଦିଗ୍ରାମ ବଦଳରେ ହଳଦିଆ ବନ୍ଦର ନିକଟରେ ଆଉ ଏକ ନୂତନ ସ୍ଥାନ, 'ନୟାଚର୍' ବାଛିଥିବାର ନିଷ୍ପତ୍ତି ଘୋଷଣା କଲେ (ଦ୍ରଷ୍ଟବ୍ୟ-ନିଉ ଇଣ୍ଡିଆନ୍ ଏକ୍ସପ୍ରେସ୍ ୧ଡିସେମ୍ବର ୦୭) । ନବ-ଚିହ୍ନିତ ସ୍ଥାନ ଏକ ଜନବସତିଶୂନ୍ୟ, ଅପନ୍ତରା ଲୁଣାଞ୍ଚଳ ହୋଇଥିବାରୁ ଏହା ଉପରେ କାହାରି କିଛି ଆପତ୍ତି କରିବାର ନାହିଁ ।

## ପୋସ୍କୋ ଚିହ୍ନିତ ସ୍ଥାନ କାହିଁକି ଗ୍ରହଣଯୋଗ୍ୟ ନୁହେଁ ?

ଗତ ୧୫ ଏପ୍ରିଲ୍ ୨୦୦୭ ରେ କୁଜଙ୍ଗଠାରେ ପୋସ୍କୋ ପ୍ରକଳ୍ପ ଉପରେ ଅନୁଷ୍ଠିତ ଜନଶୁଣାଣିରେ ଯୋଗଦେଇ ସ୍ଥାନୀୟ ବାସିନ୍ଦାମାନଙ୍କର ବକ୍ତବ୍ୟ ଶୁଣିବାର ସୁଯୋଗ ଏହି ଲେଖକକୁ ମିଳିଥିଲା । ସେଠାରେ ଏକାଧିକ ଚାଷୀ ଭାବବିହ୍ୱଳ ହୋଇ କହିଥିଲେ, ଧାନ, ପାନ, ମୀନ ଏବଂ କାଜୁ ଚାଷରୁ ସେମାନେ ଯାହା ପାଉଛନ୍ତି ଏବଂ ଏସବୁର ଉତ୍ପାଦନରେ ଆବାଳବୃଦ୍ଧବନିତା ଯେପରି ବର୍ଷସାରା ନିଯୁକ୍ତ ଅଛନ୍ତି, କୌଣସି କମ୍ପାନୀ କି ସରକାର ତାହା କଦାପି ଦେଇପାରିବ ନାହିଁ । ପୁଣି କିଛି ବକ୍ତା କହିଥିଲେ, ଯେଉଁ ଜଟାଧାର ତଣ୍ଡାର ଝାଉଁ ଓ କାଜୁ ଜଙ୍ଗଲ ଉପରେ ପୋସ୍କୋ କମ୍ପାନୀ ତା'ର ବନ୍ଦର ଏବଂ ଇସ୍ପାତ କାରଖାନା କରିବାକୁ ବସିଛି, ତାହା ସ୍ଥାନୀୟ ଅଞ୍ଚଳର ଜୀବନ-ନାଡିକା ସଦୃଶ, କାରଣ ତାହା ସାମୁଦ୍ରିକ ଅତ୍ୟୁଚ୍ଚ ଜୁଆର ଓ ଝଡବତାସ ସମ୍ମୁଖରେ ଏକ ପ୍ରାକୃତିକ ପ୍ରାଚୀର ରୂପେ କାର୍ଯ୍ୟ କରୁଥିବା ସହିତ ଲୋକମାନଙ୍କର ବର୍ଷସାରା ଜାଳ ଓ କାଠର ଆବଶ୍ୟକତା ପୂରଣ କରିଥାଏ । ସେହିକାରଣରୁ ୧୯୯୯ର ମହାବାତ୍ୟାରେ ଉଜୁଡି ପଡିଥିବା ଏହି ଜଙ୍ଗଲକୁ ସ୍ଥାନୀୟ ଲୋକେ ପାଳିକରି ଜଗାରଖା ମାଧ୍ୟମରେ ପୁଣି କେତୁଟା ବର୍ଷ ଭିତରେ ଆଗଭଳି ଠିଆ କରେଇ ଦେଇଥିଲେ, ଯଦିଓ ଜଙ୍ଗଲ ବିଭାଗ କର୍ମଚାରୀମାନେ ଏ ବାବଦରେ ସଂପୂର୍ଣ୍ଣ ନିଷ୍କ୍ରିୟ ଥିଲେ । ପୁଣି ସେହି ଜନଶୁଣାଣି ଦିନ ସହସ୍ରାଧିକ ଧୀବର ବ୍ୟକ୍ତି ପଟୁଆରରେ ଆସି ଦାବୀ କରିଥିଲେ, ଜଟାଧାର ନଦୀ ପ୍ରାୟ ୩୦ ହଜାର ମତ୍ସ୍ୟଜୀବି ପରବାରଙ୍କର ମୁଖ୍ୟ ଜୀବିକାସ୍ରୋତ ହୋଇଥିବାରୁ ଏହାର ମୁହାଣକୁ ବନ୍ଦର ନିର୍ମାଣ ପାଇଁ ପୋସ୍କୋ କମ୍ପାନୀ ହାତକୁ ଟେକି ଦିଆନଯାଉ । କିନ୍ତୁ ଜନଶୁଣାଣିର ଭିତ୍ତିପତ୍ର ରୂପେ ଯେଉଁ 'କ୍ଷିପ୍ର ପାରିବେଶିକ ପ୍ରଭାବ ଅନୁଧ୍ୟାନ ବିବରଣୀ' କମ୍ପାନୀ ତରଫରୁ ପ୍ରସାର କରାଯାଇଥିଲା ଏବଂ ପୁଣି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ତରଫରୁ ପ୍ରସାରିତ ହୋଇଥିବା ଜନଶୁଣାଣିର କାର୍ଯ୍ୟ-ବିବରଣୀରେ କମ୍ପାନୀର ଯେଉଁ ମନ୍ତବ୍ୟ ସନ୍ନିବେଶିତ ହୋଇଥିଲା, ସେଥିରେ ସ୍ଥାନୀୟ ବାସିନ୍ଦାଙ୍କର ଉପରୋକ୍ତ ଉଦ୍‌ବେଗଗୁଡିକର କୌଣସି ସମାଧାନ ସ୍ଥାନିତ ହୋଇନଥିଲା । ସୁତରାଂ ସ୍ଥାନୀୟ ବାସିନ୍ଦାଙ୍କର ଏହିସବୁ ମୌଳିକ ପ୍ରଶ୍ନଗୁଡିକର ଉପଯୁକ୍ତ ମୀମାଂସା ନକରି ପୋସ୍କୋ ସହିତ ରାଜିନାମା ହୋଇଛି ବୋଲି ଯେନତେନ ପ୍ରକାରେଣ ସେହି ବିବଦମାନ ସ୍ଥାନରେ ପ୍ରକଳ୍ପ ନିର୍ମାଣ କରିବା ଏକ ଅପପ୍ରୟାସ ଛଡା ଆଉ କିଛି ନୁହେଁ ।

## ପୋସ୍କୋ-ଚିହ୍ନିତ ସ୍ଥାନର ନୀତିଗତ ସ୍ଥିତି

ଏକଥା ସତ, ଜଗତସିଂହପୁରରେ ପୋସ୍କୋ ପ୍ରସ୍ତାବିତ ଉଭୟ ଇସ୍ପାତ କାରଖାନା ଏବଂ ସାମୁଦ୍ରିକ ବନ୍ଦରକୁ ଏକ ସେଜ୍ (ସ୍ୱତନ୍ତ୍ର ଅର୍ଥନୈତିକ ଜୋନ୍) ପ୍ରକଳ୍ପ ରୂପେ ଭାରତ ସରକାରଙ୍କ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ନୀତିଗତ ଅନୁମୋଦନ ଦେଇସାରିଛନ୍ତି । କିନ୍ତୁ ଦେଶର ସମସ୍ତ ସେଜ୍ ପ୍ରସ୍ତାବକୁ ଚୂଡାନ୍ତ ମଞ୍ଜୁରୀ ପ୍ରଦାନ ପାଇଁ ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ପ୍ରଣବ ମୁଖାର୍ଜୀଙ୍କ ଅଧ୍ୟକ୍ଷତାରେ ଏକ 'କ୍ଷମତାସମ୍ପନ୍ନ ମନ୍ତ୍ରୀଗୋଷ୍ଠୀ' ଗଠିତ ହୋଇଛି, ଯାହାକି ଜନସାଧାରଣଙ୍କ ପ୍ରତିକ୍ରିୟାକୁ ଲକ୍ଷ୍ୟ କରି ବିଭିନ୍ନ ସମୟରେ ସେଜ୍ ପ୍ରକଳ୍ପ ସଂପର୍କରେ ଉଠୁଥିବା ବିବଦମାନ ପ୍ରସଙ୍ଗ ଉପରେ ନୀତି ବୟାନ କରିଥାନ୍ତି । ଓଡିଶାର କଳିଙ୍ଗ ନଗର, ପଶ୍ଚିମବଙ୍ଗଳାର ସିଙ୍ଗୁର ଓ ନନ୍ଦିଗ୍ରାମ ତଥା ମହାରାଷ୍ଟ୍ରର ନଇମୁମ୍ବାଇ ଇତ୍ୟାଦି ସ୍ଥାନରେ ସେଜ୍ ପ୍ରକଳ୍ପ ପାଇଁ ଜମିଅଧିଗ୍ରହଣ ବିରୁଦ୍ଧରେ ବିସ୍ଫୋରିତ ଜନଅସନ୍ତୋଷକୁ ଆଖି ଆଗରେ ରଖି ଏହି ସର୍ବୋଚ୍ଚ ନୀତିନିର୍ଦ୍ଧାରକ ମନ୍ତ୍ରୀସ୍ତରୀୟ ସଂସ୍ଥା ତାଙ୍କର ୫ ଏପ୍ରିଲ୍ ୨୦୦୭ ବୈଠକରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥିଲେ, ଯାହାକି ପ୍ରତି ରାଜ୍ୟ ପାଇଁ ଅନୁପାଳନୀୟ । ପ୍ରଥମ ନିଷ୍ପତ୍ତି- କୌଣସି ରାଜ୍ୟ ସରକାର ପୋଲିସ୍ ଓ ପ୍ରଶାସନ ସହାୟତାରେ ଗୋଟିଏ ସେଜ୍ ପ୍ରକଳ୍ପ ପାଇଁ ସାଧାରଣ ଲୋକଙ୍କ ଠାରୁ ପୂର୍ବଭଳି ଜମି ଅଧିଗ୍ରହଣ ଆଇନ୍ ୧୮୯୪ ବଳରେ ବଳପୂର୍ବକ ଭାବେ ଜମି ଅଧିଗ୍ରହଣ କରିପାରିବେ ନାହିଁ । ଦ୍ୱିତୀୟ ନିଷ୍ପତ୍ତି- କୌଣସି ଉର୍ବର କୃଷିଜମିକୁ ସେଜ୍ ପ୍ରକଳ୍ପ ପାଇଁ ଦିଆଯାଇ ପାରିବ ନାହିଁ । ଏହି ନିଷ୍ପତ୍ତିଦ୍ୱୟକୁ ମାନି ମହାରାଷ୍ଟ୍ର ସରକାର ରିଲାଏନ୍ସର ନଇମୁମ୍ବାଇ ସେଜ୍ ପ୍ରକଳ୍ପ ପାଇଁ ନିଜେ ଜମିଅଧିଗ୍ରହଣ କରିବାରୁ କ୍ଷାନ୍ତ ହୋଇଛନ୍ତି ଏବଂ ପଶ୍ଚିବଙ୍ଗଳା ସରକାର ଇଣ୍ଡୋନେସିଆର ସଲିମ୍ ଗୋଷ୍ଠୀ ପ୍ରସ୍ତାବିତ ରାସାୟନିକ ସେଜ୍ ପ୍ରକଳ୍ପକୁ ନନ୍ଦିଗ୍ରାମରୁ ନୟାଚରକୁ ସ୍ଥାନାନ୍ତର କରିଛନ୍ତି । ଏଠାରେ ପୁଣି ଉଲ୍ଲେଖ ଯୋଗ୍ୟ ଯେ, ଗୁଜୁରାତରେ ଅଦ୍ୟାବଧି ୧୨ଟି ସେଜ୍ ବିଜ୍ଞପ୍ତିପ୍ରାପ୍ତ ହୋଇସାରିଥିଲେ ହେଁ, ସେଠାରେ କୌଣସି ଜନପ୍ରତିବାଦ ନାହିଁ, କାରଣ ସେଗୁଡିକ କଚ୍ଛ ଉପକୂଳର ଅପନ୍ତରା ଓ ଅନୁର୍ବର ଜାଗାରେ ସ୍ଥାପିତ ହୋଇଛି (ଦ୍ରଷ୍ଟବ୍ୟ- ଟାଇମସ୍ ଅଫ୍ ଇଣ୍ଡଆ ୨ ଡିସେମ୍ବର ୨୦୦୭ରେ ପ୍ରକାଶିତ ଶ୍ରୀ ଏସ୍.ଏସ୍.ଏ.ଆୟାର୍‌ଙ୍କ ପ୍ରବନ୍ଧ) । କିନ୍ତୁ ବର୍ତ୍ତମାନ ଆମେ ପୋସ୍କୋ ପ୍ରସ୍ତାବିତ ସେଜ୍ ପରିପ୍ରେକ୍ଷୀରେ ଲକ୍ଷ୍ୟ କରୁଛେ, ଆମର ରାଜ୍ୟ ସରକାର ସେଜ୍ ନୀତି ନିର୍ଦ୍ଧାରକ କମିଟିର ଉଭୟ ନିଷ୍ପତ୍ତିକୁ ଉଲ୍ଲଂଘନ କରିଚାଲିଛନ୍ତି; ଗୋଟିଏ ପଟରେ ଘନ ଜନବସତି ଥିବା ଗୋଟିଏ ଅଞ୍ଚଳର ବହୁଫସଲି ଓ ଉର୍ବର ଚାଷଜମି ଓ ଘରଡିହ ଜମିକୁ ଅଧୀଗ୍ରହଣ କରିବାକୁ ବସିଛନ୍ତି ଓ ଅନ୍ୟପଟରେ ତାହା ପୁଣି ପ୍ରଶାସନ ଓ ପୋଲିସ୍ ସହାୟତାରେ ।

## ସୁପ୍ରିମ୍ କୋର୍ଟଙ୍କ ୧୬ ଅକ୍ଟୋବର ରାୟ

ଏହାଛଡା ନିକଟରେ ଏହିଭଳି ଏକ ବ୍ୟାପାରରେ ସୁପ୍ରିମ୍ କୋର୍ଟଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଣିଧାନଯୋଗ୍ୟ । ଏକ ଘରୋଇ କମ୍ପାନୀର ଟ୍ରାକ୍ଟର ନିର୍ମାଣ କାରଖାନା ପାଇଁ ପଞ୍ଜାବ ସରକାରଙ୍କ ଦ୍ୱାରା କୃଷିଜମିକୁ ଅଧିଗ୍ରହଣ କରିବାର ନିଷ୍ପତ୍ତିକୁ ସୁପ୍ରିମ୍ କୋର୍ଟଙ୍କ ଏକ ଖଣ୍ଡପୀଠ (ନ୍ୟାୟମୂର୍ତ୍ତୀ ଏସ୍.ବି.ସିହ୍ନା ଏବଂ ଏଚ୍.ଏସ୍.ବେଦୀ) ଗତ ୧୬ ଅକ୍ଟୋବର ୨୦୦୭ରେ ଖାରଜ କରିଦେବା ସହିତ ଦୁଇଟି ନିର୍ଦ୍ଦେଶନାମା ଜାରି କରିଛନ୍ତି; ପ୍ରଥମତଃ କୌଣସି କମ୍ପାନୀ ପାଇଁ ସରକାର ଲୋକମାନଙ୍କର ଉର୍ବର କୃଷିଜମିକୁ ଅଧିଗ୍ରହଣ କରିପାରିବେ ନାହିଁ; ଦ୍ୱିତୀୟତଃ, ସରକାର ତାଙ୍କ ବିଜ୍ଞପ୍ତିରେ ଗୋଟିଏ ଘରୋଇ କମ୍ପାନୀର ସ୍ୱାର୍ଥକୁ ସାର୍ବଜନୀନ ସ୍ୱାର୍ଥ ବୋଲି ଦର୍ଶେଇ ପାରିବେ ନାହିଁ (ସୂତ୍ର- ଟାଇମସ୍ ଅଫ୍ ଇଣ୍ଡିଆ, ୧୭ ଅକ୍ଟୋବର ୨୦୦୭) ।

## ପୋସ୍କୋ ପାଇଁ ମହାନଦୀ ପାଣି

ସର୍ବୋପରି ପୋସ୍କୋ ପ୍ରସ୍ତାବିତ ସ୍ଥାନ ହୀରାକୁଦର ଚାଷୀ ବିକ୍ଷୋଭ ପରେ ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ନିକଟ ଅତୀତରେ ଘୋଷିତ ପ୍ରତିଶୃତିକୁ ମଧ୍ୟ ଉଲ୍ଲଂଘନ କରୁଛି । ସେ କହିଛନ୍ତି, ଚାଷିମାନଙ୍କ ଜଳସେଚନ ପାଇଁ ଉଦ୍ଦିଷ୍ଟ ପାଣିକୁ କଦାପି ଶିଳ୍ପସଂସ୍ଥାମାନଙ୍କୁ ଦିଆଯାଇ ପାରିବନାହିଁ । କିନ୍ତୁ, ୨୨ ଜୁନ୍ ୨୦୦୫ରେ ଓଡିଶା ସରକାର ଓ ପୋସ୍କୋ କମ୍ପାନୀ ଭିତରେ ସ୍ୱାକ୍ଷରିତ ଚୁକ୍ତିନାମାର ୭ମ ଅନୁଚ୍ଛେଦରେ ଓଡିଶା ସରକାର ଅଙ୍ଗୀକାରବଦ୍ଧ ହୋଇସାରିଛନ୍ତି ଯେ, ସରକାର କଟକର ଜୋବ୍ରାସ୍ଥିତ ମହାନଦୀ ଆନିକଟରୁ ପାଇପ୍‌ଲାଇନ୍ ମାଧ୍ୟମରେ ଜଟାଧାର ମୁହାଣରେ ପ୍ରତିଷ୍ଠିତ ହେବାକୁ ଥିବା ପୋସ୍କୋ ପ୍ରକଳ୍ପକୁ ପାଣି ଯୋଗାଇଦେବେ । କେବଳ ସେତିକି ନୁହେଁ, ପୋସ୍କୋ ପ୍ରସ୍ତୁତ 'କ୍ଷିପ୍ର ପାରିବେଶିକ ପ୍ରଭାବ ଅନୁଧ୍ୟାନ ବିବରଣୀର ସାରାଂଶ'ର ଅନୁଚ୍ଛେଦ-୨୨ରେ ନିର୍ଦ୍ଦିଷ୍ଟ ଭାବେ ସୂଚୀତ ହୋଇଛି ଯେ, କମ୍ପାନୀର ନିୟମିତ ଜଳଉତ୍ସ ହେଉଛି କଟକର ମହାନଦୀ ଆନିକଟ, ଯେଉଁଠିରୁ ଜଟାଧାର ମୁହାଣ ପର୍ଯ୍ୟନ୍ତ ୮୬ କିଲୋମିଟର ଲମ୍ବର ଏକ ପାଇପ୍ ଯୋଗେ ଦୈନିକ ୧୦ ନିୟୁତ ଗ୍ୟାଲନ୍ ଅର୍ଥାତ୍ ଘଣ୍ଟାକୁ ୧୮୯୫ ଘନମିଟର ପାଣି ସରବରାହ କରାଯିବ । ଆହୁରି ବିଚିତ୍ର କଥା ହେଉଛି, କମ୍ପାନୀ ବର୍ଷକୁ ୧୦ ନିୟୁତ ଗ୍ୟାଲନ୍ ପାଣି ଦରକାର କରୁଥିବା ବେଳେ ରାଜ୍ୟସରକାରଙ୍କ ଜଳସମ୍ପଦ ବିଭାଗ ପ୍ରାଥମିକ ପର୍ଯ୍ୟାୟରେ ଏହାର ଦେଢଗୁଣାରୁ ଅଧିକ ପାଣି ଅର୍ଥାତ୍ ୧୬.୬ ନିୟୁତ ଗ୍ୟାଲନ୍ ପାଣି ଯୋଗାଇବା ପାଇଁ ଅନୁମତି ଦେଇସାରିଛନ୍ତି (ଦ୍ରଷ୍ଟବ୍ୟ- ବାର୍ଷିକ ୪ ନିୟୁତ ଟନ୍ ସମନ୍ୱୀତ ଇସ୍ପାତ ପ୍ରକଳ୍ପ ଉପରେ 'କ୍ଷିପ୍ର ପାରିବେଶିକ ପ୍ରଭାବ ଅନୁଧ୍ୟାନ ବିବରଣୀର ସାରାଂଶ', ପୋସ୍କୋ-ଇଣ୍ଡିଆ, ଅଗଷ୍ଟ ୨୦୦୬) ।

## ହୁକିଟୋଲା ଉପକୂଳ- ପୋସ୍କୋ ପାଇଁ ବିକଳ୍ପ ସ୍ଥାନ

ଆମେ ଦେଖିଲେ, ଢିଙ୍କିଆ, ନୂଆଗାଁ ଓ ଗଡକୁଜଙ୍ଗ ପଞ୍ଚାୟତ ତଥା ଜଟାଧାର ମୁହାଣରେ ପୋସ୍କୋ ପ୍ରକଳ୍ପର ସ୍ଥାପନା କେବଳ କେନ୍ଦ୍ରୀୟ ଉଚ୍ଚସ୍ତରୀୟ ନିୟାମକ କମିଟିର ଘୋଷିତ ନୀତି କି ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶୃତିକୁ ଉଲ୍ଲଂଘନ କରୁନାହିଁ, ବରଂ ସର୍ବୋଚ୍ଚ ନ୍ୟାୟାଳୟଙ୍କ ସଦ୍ୟ-ଘୋଷିତ ନିର୍ଦ୍ଦେଶାନାମାକୁ ମଧ୍ୟ ବିରୁଦ୍ଧାଚରଣ କରୁଛି । ପୋସ୍କୋ କମ୍ପାନୀ ତା'ର ଏହି ପ୍ରକଳ୍ପ ପାଇଁ ଓଡିଶା ସରକାରଙ୍କୁ ସମୟସୀମା ଦେଇଛି, ଏପ୍ରିଲ୍ ପହିଲା ୨୦୦୮ । ବର୍ତ୍ତମାନ ଆମକୁ ଏହି ସୀମିତ ସମୟ ଭିତରେ ବିକଳ୍ପ ସ୍ଥାନକୁ ଚିହ୍ନଟ ତଥା ଏହା ଉପରେ ନିଷ୍ପତ୍ତି ନେବାକୁ ପଡିବ । ଏହି ଲେଖକ ମତରେ ବିକଳ୍ପ ସ୍ଥାନଟି ହେଉଛି, ହୁକିଟୋଲା ଉପକୂଳ, ଯାହାକି ଜଗତସିଂହପୁର ଜିଲ୍ଲାର ପାରାଦ୍ୱୀପରୁ ଜଳପଥରେ ମାତ୍ର ୨୦ କିମି ଏବଂ କେନ୍ଦ୍ରାପଡା ଜିଲ୍ଲାର ବତୀଘର ଠାରୁ ଜଳପଥରେ ମାତ୍ର ୧୦ କିମି ଦୂରରେ ଅବସ୍ଥିତ । ଏଠାରେ ସୁଦୂର ଅତୀତରେ ଇଂରେଜମାନଙ୍କ ଦ୍ୱାରା ଏକ କ୍ଷୁଦ୍ର ବନ୍ଦର ମଧ୍ୟ ପରିଚାଳିତ ହେଉଥିଲା, ଯାହାର ନିଦର୍ଶନ ହେଉଛି ହୁକିଟୋଲା ଟାପୁ ଉପରେ ଥିବା ବିଶାଳ ପ୍ରସ୍ତର ଅଟ୍ଟାଳିକା ଏବଂ ଏଠାରେ ୧୮୭୫ ମସିହାରେ ବାତ୍ୟାଯୋଗୁଁ ବୁଡି ଯାଇଥିବା ଏକ ମାଲବାହୀ ଫରାସୀ ଜାହାଜର ଭଗ୍ନାବଶେଷ । ଠିକ୍ ଯେମିତି ଜଟାଧାର ନଦୀର ଦକ୍ଷିଣ ପାର୍ଶ୍ୱକୁ ଲାଗିଛି ବଙ୍ଗୋପସାଗରର ଉପକୂଳ, ସେମିତି ହୁକିଟୋଲା ଉପଦ୍ୱୀପକୁ ଲାଗିଥିବା ଅଗଭୀର ନଦୀର ଉତ୍ତର ପାର୍ଶ୍ୱକୁ ଲାଗିଛି ବଙ୍ଗୋପସାଗର ଉପକୂଳ । ଜଟାଧାର ତଣ୍ଡା ଭଳି ହୁକିଟୋଲା ଉପକୂଳ ଏକ ବିସ୍ତୀର୍ଣ୍ଣ ବାଲୁକାଖଣ୍ଡ, ଯେଉଁଠି ଠାଏ ଠାଏ ଲୁଣାଜଙ୍ଗଲ ରହିଛି । ଏଠାରେ ମୋଟେ ଜନବସତି ନାହିଁ କି କୌଣସି ଚାଷଜମି ନାହିଁ । ତେଣୁ କୌଣସି ପରିବାରକୁ ବିସ୍ଥାପିତ ହେବାକୁ ପଡିବନି କି କାହାର ଚାଷଜମିକୁ ଅଧିଗ୍ରହଣ କରିବାର ଦରକାର ପଡିବନି । ବରଂ ଅନ୍ୟପକ୍ଷରେ ପୋସ୍କୋ ପ୍ରକଳ୍ପ ହେଲେ ଉଭୟ କେନ୍ଦ୍ରାପଡା ଓ ଜଗତସିଂହପୁର ଜିଲ୍ଲାର ସ୍ଥାନୀୟ ଅଧିବାସୀମାନେ ବିଭିନ୍ନ ପ୍ରକାରେ ଉପକୃତ ହୋଇପାରିବେ । ମଧୁର ପାଣି ପାଇଁ ଗୁଜୁରାଟରେ ଯେପରି ଡି-ସାଲିନେସନ୍ ପ୍ଲାଣ୍ଟ କରାଯାଇଛି, ପୋସ୍କୋକୁ ସେଭଳି ଏକ ପନ୍ଥା ଅବଲମ୍ବନ କରିବାକୁ ପଡିବ । କାରଣ ବର୍ତ୍ତମାନ ପରିସ୍ଥିତିରେ କୌଣସି ମତେ ଜଳସେଚନ ପାଣିକୁ ଅଣଚାଷ ଉଦ୍ଦେଶ୍ୟରେ ବିନିଯୋଗ ହେବାକୁ ରାଜ୍ୟବାସୀ ବରଦାସ୍ତ କରିବେ ନାହିଁ ।

## ସ୍ଥାନାନ୍ତର ପ୍ରସ୍ତାବ ଉପରେ ତୁରନ୍ତ ନିଷ୍ପତ୍ତି ଜରୁରୀ

ଅବଶ୍ୟ ହୁକିଟୋଲା ପ୍ରସ୍ତାବ ପୋସ୍କୋ କମ୍ପାନୀ କି ରାଜ୍ୟ ସରକାରଙ୍କ ପାଇଁ ନୂଆ ନୁହେଁ । ବହୁ ପୂର୍ବରୁ ଏ ପ୍ରକାର ପ୍ରସ୍ତାବ ପୋସ୍କୋ ପ୍ରତିରୋଧ ସଂଗ୍ରାମ ସମିତି ତରଫରୁ ଦିଆଯାଇଛି (ଟାଇମସ୍ ଅଫ୍ ଇଣ୍ଡିଆ, ୨୨ ଏପ୍ରିଲ୍ ୨୦୦୭) ଏବଂ କେନ୍ଦ୍ରାପଡା ବିଧାୟକ ଶ୍ରୀ ଉତ୍କଳ କେଶରୀ ପରିଡା ମଧ୍ୟ ଏହାକୁ ସ୍ୱାଗତ କରିଛନ୍ତି (ଦ୍ରଷ୍ଟବ୍ୟ- ନିଉ ଇଣ୍ଡିଆନ୍ ଏକ୍ସପ୍ରେସ୍, ୨୨ ଏପ୍ରିଲ୍ ୨୦୦୭) । କେନ୍ଦ୍ରାପଡା ଜିଲ୍ଲାପାଳ ଶ୍ରୀ କାଶୀନାଥ ସାହୁ ମଧ୍ୟ ପରବର୍ତ୍ତୀ ସମୟରେ ସ୍ୱୀକାର କରିଥିଲେ ଯେ, ସେ ରାଜ୍ୟ ସରକାରଙ୍କ ଠାରୁ ନିର୍ଦ୍ଦେଶନା ପାଇ ସଂପୃକ୍ତ ଅଞ୍ଚଳରେ ଏଥିପାଇଁ ୫,୦୦୦ ଏକର ଜମି (ଯାହାକି ପୋସ୍କୋର ଆବଶ୍ୟକ ହେଉଥିବା ୪୦୦୪ ଏକର ଜମିଠାରୁ ଯଥେଷ୍ଟ ବେଶୀ)ର ସର୍ଭେ କାମ ସେ କରିସାରିଛନ୍ତି (ଦ୍ରଷ୍ଟବ୍ୟ- ନିଉ ଇଣ୍ଡିଆନ୍ ଏକ୍ସପ୍ରେସ୍, ୫ ଅଗଷ୍ଟ ୨୦୦୭) । କିନ୍ତୁ ଏ ପର୍ଯ୍ୟନ୍ତ ସରକାର କିମ୍ବା କମ୍ପାନୀ ତରଫରୁ ଏହି ବିକଳ୍ପ ସ୍ଥାନ ପ୍ରସ୍ତାବ ଉପରେ କୌଣସି ସିଦ୍ଧାନ୍ତ ପ୍ରକାଶ ପାଇନାହିଁ । ଅବଶ୍ୟ ହୁକିଟୋଲା ଅଞ୍ଚଳରେ ପ୍ରକଳ୍ପ କରିବାକୁ ହେଲେ ପୋସ୍କୋ ପକ୍ଷେ ଅଧିକ କିଛି ଅର୍ଥବ୍ୟୟ କରିବାକୁ ପଡିପାରେ । କିନ୍ତୁ ବର୍ତ୍ତମାନ ସ୍ଥିତିରେ ପ୍ରକଳ୍ପକାର୍ଯ୍ୟ ମୋଟେ ଆଗେଇ ନପାରିବା ଠାରୁ ହୁକିଟୋଲାକୁ ସ୍ଥାନାନ୍ତରଣ କରିବା କେବଳ ରାଜ୍ୟର କି ଦେଶର ସମୂହ ପ୍ରଗତି ନୁହେଁ, ପୋସ୍କୋ କମ୍ପାନୀର ଦୀର୍ଘମିଆଦି ଅଭିବୃଦ୍ଧି ମଧ୍ୟ ସୁନିଶ୍ଚିତ ହୋଇପାରିବ । ସର୍ବୋପରି ଆମେ ସମସ୍ତେ ମନେରଖିବା ଉଚିତ୍, ସେଜ୍ ପରିକଳ୍ପନାର ମୂଳ ଉଦ୍ଦେଶ୍ୟ ନୁହେଁ ଏକ କୃଷିସମୃଦ୍ଧ ଅଞ୍ଚଳକୁ ଶିଳ୍ପାଞ୍ଚଳରେ ପରିଣତ କରିବା, ବରଂ ଏକ ଅନୁନ୍ନତ, ଦୁର୍ଗମ ଅଞ୍ଚଳକୁ ବିକାଶର ମୁଖ୍ୟସ୍ରୋତକୁ ଟାଣି ଆଣିବାରେ ଏହାର କରାମତି ନିହିତ ଅଛି । ସେଜ୍ ପରୀକ୍ଷାର ଆଦିଭୂମି ଚୀନ୍‌ରେ ସେଜ୍‌କୁ ନେଇ ସଫଳ କାହାଣୀର ଏହାହିଁ ଥିଲା ଅସଲ ରହସ୍ୟ । ସୁତରାଂ ଉଭୟ ରାଜ୍ୟ ସରକାର ଏବଂ ପୋସ୍କୋ କମ୍ପାନୀ ଆଉ କାଳବିଳମ୍ବ ନକରି ପୁରୁଣା ସ୍ଥାନ ଉପରେ ଅଡି ନବସି ବିକଳ୍ପ ସ୍ଥାନର ପ୍ରସ୍ତାବ ଉପରେ ନିଜର ମତିଗତି ପ୍ରକାଶ କରନ୍ତୁ ।

**(Chitta Behera, 4A Jubilee Tower, Choudhury Bazar, Cuttack-9, Email: chittabehera1@yahoo.co.in, Mobile: 94375-77546, Dated 18 December 2007)**